# ପିଲାଙ୍କ ଧରିତ୍ରୀ



# ଖିଲି ଖିଲି ହସ

ଆଣ୍ଟି: ଆରେ ପୁଅ, ନେ ଟଙ୍କା ଚକୋଲେଟ୍ କିଣିକି ଖାଇଦେବୁ।
ଚିଣ୍ଟୁ: ଆପଣ ଆଣ୍ଟି ଚକୋଲେଟ୍ ସବୁବେଳେ ଆଣନ୍ତୁ, ମୋତେ ଟଙ୍କା ଦିଅନ୍ତୁ ନାହିଁ।
ଆଣ୍ଟି : କାହିଁକି ?
ଚିଣ୍ଟୁ: ଆପଣ ଟଙ୍କା ଦେଇ ଗଲା ପରେ ମା' ମୋ ଠାରୁ ଟଙ୍କା ନେଇ ତା' ପାଖରେ ରଖି ଦେଉଛି, ମୋତେ ଦେଉନି।

(ବାପ-ପୁଅ ମଧ୍ୟରେ କଥାବାର୍ତ୍ତା)
ପୁଅ: ମ୍ୟାଚ୍‌ବାଲା ଚ୍ୟାନେଲ୍ ଲଗାଅ ବାପା।
ବାପା: ନ ଲଗାଇଲେ କ'ଣ ହେବ କହ ?
ପୁଅ: ଦେଖିଦେବି।
ବାପା: କ'ଣ ଦେଖିଦେବୁ ?
ପୁଅ: ଯେଉଁ ଚ୍ୟାନେଲ୍ ତୁମେ ଲଗାଇଲ ତାକୁ ଦେଖିଦେବି।

# ମତାମତ

▸▸ ଅସମର କୋର୍ସରେ ପିଲାମାନଙ୍କୁ କ'ଣ ଶିଖିବାକୁ ମିଳେ ତା' ବିଷୟରେ ଜାଣିହେଲା।

**– ମିତୁଲ ନାୟକ, ବଲାଙ୍ଗୀର**

▸▸ ଫ୍ଲୋଟିଂ ପୋଷ୍ଟ ଅଫିସ ପାଠଟି ପଢ଼ିଲି। ତାହା କେଉଁଠି ଅଛି ତାହା ଜାଣିବା ସହ ତା' ବିଷୟରେ ଅଧିକ ତଥ୍ୟ ଜାଣିବାକୁ ପାଇଲି।

**– ତୁଷାର ସାହୁ, ନୟାଗଡ଼**

▸▸ କବିତା ସ୍ତମ୍ଭରେ ପ୍ରକାଶିତ କବିତାଗୁଡ଼ିକ ଶିକ୍ଷଣୀୟ ହୋଇଛି।

**– ତୁହିନା ମଲ୍ଲ, ପିପିଲି, ପୁରୀ**

# ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ମା' ପରି କିଏ ହେବ



ଗପ

ମାଡାମ୍ ଶ୍ରେଣୀ ଗୃହରେ ପଶିବା ମାତ୍ରେ ପିଲାଙ୍କୁ ତିନୋଟି ବାକ୍ୟରେ ଶୂନ୍ୟସ୍ଥାନ ପୂରଣ କରିବାକୁ କହିଲେ। ମମତାଭରା ସିନ୍ଧୁକ ____। ବାତ୍ସଲ୍ୟମୟୀର ଆଧାର____। ସନ୍ତାନ ପାଇଁ ସ୍ନେହର ପରଶ ______। ଶ୍ରେଣୀଗୃହରେ ଥିବା ସମସ୍ତ ପିଲା ଏକ ସଙ୍ଗେ କହି ଉଠିଲେ ମା'-ମା'-ମା' ...

ଏହାପରେ ମାଡାମ୍ କହିଲେ ଦୁନିଆରେ ମାଆଠାରୁ ବଡ କେହି ନାହିଁ। ସେଥିପାଇଁ ତ ଆମେ ପାଳନ କରୁଛୁ ମଦର୍ସ ଡେ'। ଏହି ଦିନଟିକୁ ପାଳନ କରିବା ପାଇଁ କ'ଣ ସବୁ ବିଶେଷ କରିଛ କୁହ ?

ନିକୁଞ୍ଜ କହିଲା-ମଦର୍ସ ଡେ'ରେ ମୁଁ ନିଜ ହାତରେ ଗୋଟେ ସୁନ୍ଦର କାର୍ଡ ବନେଇ ମା'କୁ ଗିଫ୍ଟ ଦେବି। ବିଭୁ କହିଲା-ମୁଁ ବାପାଙ୍କୁ କହି ମା' ପାଇଁ ମନପସନ୍ଦ ଖାଦ୍ୟ ମଗେଇବି। ସ୍ୱାତୀ କହିଲା-ମୁଁ ମଦର୍ସ ଡେ' ରେ ମା' ପାପୁଲିରେ ବଢିଆ ମେହେନ୍ଦୀ କରିଦେବି। ପ୍ରତାପ କହିଲା – ମୁଁ ସେଦିନ ମମ୍ମି କରୁଥିବା କାମରେ ତାକୁ ସାହାଯ୍ୟ କରିବି।

ତା'ପର ନମ୍ବର ବର୍ଷାର ଥାଏ। ହେଲେ ସେ ଚୁପ୍‌ଚାପ୍ ମୁହଁ ଶୁଖେଇ ବସିଥାଏ। ସାଇଡ୍‌ରେ ବସିଥିବା ବାଣୀ ତାକୁ ହଲେଇ କହିଲା-ବର୍ଷା ! ତୁ ମଦର୍ସ ଡେ'ରେ କ'ଣ କରିବୁ କହ ? ତଥାପି ସେ ସେମିତି ଚୁପ୍ ହୋଇ ବସି ରହିଲା। ମାଡାମ୍ ତା' ପାଖକୁ ଆସି ପଚାରିଲେ-କ'ଣ ହେଇଛି ବର୍ଷା ! ମଦର୍ସ ଡେ'ରେ ତୁ ମା' ପାଇଁ କ'ଣ କରିବୁ କହ ?

ବର୍ଷା ଆଖିରେ ଲୁହ ଛଳଛଳ ହେଲା। ଧୀରେ ଧୀରେ କହିଲା-ମାଡାମ୍ ମୋ ମା' ହସ୍ପିଟାଲରେ ଆଡମିଟ୍ ହୋଇଛି। ତା' ଅନୁପସ୍ଥିତିରେ ଘର ଘର ଭଳି ଲାଗୁନାହିଁ। ମା'କୁ ଦେଖା କରିବାକୁ ହସ୍ପିଟାଲ ବି ଯାଇପାରୁ ନାହିଁ।

ମାଡାମ୍ ବର୍ଷା ମୁଣ୍ଡରେ ହାତ ରଖି କହିଲେ-ମନ ଦୁଃଖ କରନା, ଦେଖିବୁ ସବୁ ଠିକ୍ ହୋଇଯିବ। ତୋ ମା' ହସ୍ପିଟାଲରୁ ଭଲ ହୋଇ ଫେରି ଆସିବେ।

ସ୍କୁଲ ଛୁଟି ପରେ ବର୍ଷା ଘରେ ପହଞ୍ଚିଲା। ମା' ନ ଥିବାରୁ ଘର ଶୂନଶାନ୍ ଲାଗୁଥାଏ। ସେ ସ୍କୁଲରୁ ଆସିବା ପରେ ମା' ଚଟାପଟ୍ କିଚେନ୍‌କୁ ଚାଲିଯାଏ। ତା' ମନ ପସନ୍ଦର ଖାଦ୍ୟ ପ୍ରସ୍ତୁତ କରି ଖୋଇଦିଏ।

ପ୍ରକୃତରେ ମା'ର ବ୍ଲଡ ପ୍ରେସର କମି ଯାଇଥିଲା। ସେଥିପାଇଁ ମୁଣ୍ଡ ବୁଲେଇବାରୁ ତଳେ ପଡ଼ିଗଲା। କେବେବି ଆରାମ କରେନି। ସକାଳରୁ ରାତି ଶୋଇବାଯାଏ କାମ କରୁଥିଲା। ମା'ର ଏଭଳି ଅବସ୍ଥା ପାଇଁ ସେ ନିଜେ ବି ଦାୟୀ। କାରଣ ଘରେ କିଛି କାମ ନ କରି ସେ ମା'କୁ ସବୁ କରିବାକୁ କୁହେ। କୌଣସି କାମରେ ସାମାନ୍ୟ ସହଯୋଗ ବି କରେନି। ଏମିତି ଭାବି ତା' ଆଖି ଲୁହରେ ଭରିଗଲା। ମନେ ମନେ କହିହେଲା- ସରି ମା' ! ମୁଁ ଏଥର ତୋ କାମରେ ସାହାଯ୍ୟ କରିବି। ସେତିକିବେଳେ ତା' ବାପା ପହଞ୍ଚିଲେ। ତାଙ୍କୁ ଦେଖି ବର୍ଷା ପଚାରିଲା-ବାପା ! ମା' କେମିତି ଅଛି ?

ଦେଖିବୁ ଚାଲ ସେ ଡ୍ରଇଂ ରୁମ୍‌ରେ ବସିଛି। ମା' ଆସିଛି ଜାଣି ସେ ଏକା ଡିଆଁରେ ଡ୍ରଇଂ ରୁମ୍‌ରେ ପହଞ୍ଚିଗଲା। ମା' ପାଖରେ ତା' ଆଈ ବି ବସିଥାଏ। ଖୁସିରେ ଆତ୍ମହରା ହୋଇ ସେ ତା' ମା'କୁ ଜଡେଇ ଧରି ସକେଇ ହେଉଥାଏ। ମା' ତା' ଝିଅ ମନର ଭାଷାକୁ ବୁଝିପାରି ସ୍ନେହର ପରଶରେ ଆଲିଙ୍ଗନ କଲେ।

ବର୍ଷା ତା' ଆଈକୁ ପଚାରିଲା- ଆଈ ! ମା' କ'ଣ ପିଲାଦିନେ ତୋ କାମରେ ସାହାଯ୍ୟ କରୁଥିଲା ?

ଆଈ କହିଲେ-ହଁ ଲୋ ମା ! ତୋ ମା' ନା ପିଲାଦିନେ ମୋତେ ପ୍ରତିଟି କାମରେ ସହଯୋଗ କରୁଥିଲା। ଯାହା କହୁଥିଲି ସବୁ କଥା ମାନୁଥିଲା।

ମୁଁ ବି ଏବେଠାରୁ ମୋ ମା'କୁ କାମରେ ସାହାଯ୍ୟ କରିବି। ଏହା କହି ସେ ତା' ମା' ଗାଲରେ ସ୍ନେହର ଚୁମ୍ବନ ଦେଲା।


**–ସୁଧାଂଶୁ ଶେଖର ଦ୍ୱିବେଦୀ**
ବିସି-୭୪, ସଲ୍ଟ ଲେକ୍, କୋଲକାତା-୬୪
ମୋ: ୯୬୮୧୩୭୩୫୧୨

# ଚୁମ୍ବକୀୟ ପାହାଡ଼



ଭାରତରେ ରହିଛି ମ୍ୟାଗ୍ନେଟିକ୍ ହିଲ୍ ବା ଚୁମ୍ବକୀୟ ପାହାଡ଼। ପୃଥିବୀର ମାଧ୍ୟାକର୍ଷଣ ଶକ୍ତିକୁ ଏହି ପାହାଡ଼ରେ ଭଲଭାବେ ଅନୁଭବ କରିହୁଏ, ସେଥିପାଇଁ ତ ଏହି ପାହାଡ଼କୁ ଗ୍ରାଭିଟି ହିଲ୍ ମଧ୍ୟ କୁହାଯାଏ। ଲେହଠାରୁ ୩୦ କିଲୋମିଟର ଦୂରରେ ଏହି ପାହାଡ଼ ଅବସ୍ଥିତ। ପ୍ରକୃତରେ ଲେହ କାରଗିଲ୍ ରାସ୍ତା ଏହି ପାହାଡ଼ ମଧ୍ୟ ଦେଇ ଯାଇଛି। ତେଣୁ ବହୁ ପର୍ଯ୍ୟଟକ ଏହି ପାହାଡ଼ର ରହସ୍ୟକୁ ଅନୁଭବ କରିବା ପାଇଁ ଆସନ୍ତି। ପାହାଡ଼ରେ ଅନେକ ଆଶ୍ଚର୍ଯ୍ୟକର ଅନୁଭୂତି ମିଳିପାରିବ। କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ଗାଡି ତଳକୁ ଆସିବା ପରିବର୍ତ୍ତେ ଉପରକୁ ଟାଣି ହୋଇ ଚାଲିଯାଏ। ପାହାଡ଼ର ଏହି ଆକର୍ଷଣ ଶକ୍ତିକୁ ନେଇ ଅନେକ ଗବେଷଣା ମଧ୍ୟ ହୋଇଛି। ତେବେ ପରିଶେଷରେ ସିଦ୍ଧାନ୍ତ ମିଳିଛି କି ମାଧ୍ୟାକର୍ଷଣ ଶକ୍ତି ଭଳି ପାହାଡ଼ର ଏକ ସ୍ୱତନ୍ତ୍ର ଚୁମ୍ବକୀୟ ଶକ୍ତି ରହିଛି, ଯାହା ପ୍ରତ୍ୟେକ ବସ୍ତୁକୁ ନିଜ ଆଡ଼କୁ ଟାଣିଥାଏ। ଆଉ କେତେକେ କହନ୍ତି କି ପ୍ରକୃତରେ ପାହାଡ଼ଟି ଉପର ଆଡ଼କୁ ଗଡ଼ାଣିଆ ଭଳି ରହିଛି ମାତ୍ର ଏହା ଖାଲି ଆଖିରେ ଦେଖି ଜାଣିବା ସହଜ ନୁହେଁ। ତେବେ ଜୁଲାଇରୁ ଅକ୍ଟୋବର ମଧ୍ୟରେ ଏହି ସ୍ଥାନକୁ ଭ୍ରମଣରେ ଯିବାର ପ୍ରକୃତ ସମୟ।

# ରଙ୍ଗ ଦିଅ



ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,



# ଆଳସ୍ୟ

ଅଳସୁଆମୀ ଏପରି ଏକ ବଦଭ୍ୟାସ ଯାହା ପିଲାଙ୍କ ଜୀବନକୁ ପ୍ରଭାବିତ କରିଥାଏ। ବିଶେଷଭାବରେ ପାଠ ପଢ଼ିବା ସମୟରେ ଯଦି ଜଣେ ଅଳସୁଆ ହୁଏ, ତେବେ କ୍ୟାରିୟର ଉପରେ ନକରାତ୍ମକ ପ୍ରଭାବ ପଡ଼ିବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ମନରୁ ଆଳସ୍ୟ ଦୂରକରିବା ଲାଗି ନିମ୍ନଲିଖିତ ଟିପ୍ସକୁ ଆପଣେଇପାରନ୍ତି...

## ଆତ୍ମବିଶ୍ୱାସ
ପିଲାମାନେ ସବୁବେଳେ ନିଜର ଆତ୍ମବିଶ୍ୱାସକୁ ଦୃଢ଼ରଖିବା ଆବଶ୍ୟକ। ଏହାଦ୍ୱାରା ସେମାନେ ନିଜ କାମକୁ ଠିକ୍ ଭାବରେ ତୁଲାଇ ପାରିବେ। କେବଳ ସେତିକି ନୁହେଁ, ଆତ୍ମବିଶ୍ୱାସ ଦୃଢ଼ ରହିଲେ ମନରୁ ଆଳସ୍ୟ କେତେକାଂଶରେ ଦୂରହେବ।

## ତରବର ହୁଅନ୍ତୁ ନାହିଁ
କୌଣସି କାମ କରିବା ସମୟରେ କିମ୍ବା ପାଠ ପଢ଼ିବା ବେଳେ ତରବର ହୁଅନ୍ତୁ ନାହିଁ। ମନକୁ ସ୍ଥିର ରଖି ଏସବୁ କାମ କରନ୍ତୁ। ଏହାଦ୍ୱାରା ଆଳସ୍ୟ ପାଖ ମାଡ଼ିବ ନାହିଁ। ସବୁବେଳେ ରୁଟିନ୍ ମୁତାବକ କାମ କରନ୍ତୁ।

## କାରଣ ଖୋଜନ୍ତୁ
ପିଲାଟି କାହିଁକି ଆଳସ୍ୟର ସମ୍ମୁଖୀନ ହେଉଛି, ତାହାର କାରଣ ପ୍ରଥମେ ସେ ନିଜେ ଜାଣିବା ଦରକାର। ଯଦି ପାଠ ପଢ଼ିବାକୁ ମନ ହେଉନାହିଁ, ତେବେ ବାଧ୍ୟବାଧ୍ୟକତାରେ ପାଠ ପଢ଼ିବା ଠିକ୍ ନୁହେଁ। ଏହାଦ୍ୱାରା ପାଠ ମନେ ରହିବ ନାହିଁ। ପାଠ ପଢ଼ିବା ପୂର୍ବରୁ ପିଲାର ମନ ଚଳଚଞ୍ଚଳ ରହିବା ଦରକାର। ତେଣୁ ନିଜର ମାନସିକତାକୁ ଏଭଳି ରଖିବା ଦରକାର ଯାହାଦ୍ୱାରା ଆଳସ୍ୟଠାରୁ ନିଜକୁ ଦୂରେଇ ରଖିପାରିବ।

## ରୁଚି
ପିଲାଙ୍କର ଭିନ୍ନ ଭିନ୍ନ ରୁଚି ଥାଏ। କେତେଜଣ ପିଲା କିଛି ସମୟ ଖେଳିଲେ, ସାଙ୍ଗସାଥୀଙ୍କ ସହ ମିଶିଲେ କିମ୍ବା କିଛି ସମୟ ବୁଲାବୁଲି କଲେ ମନ ହାଲକା ରହିଥାଏ। କେତେକ ପିଲା ଚିତ୍ର ଆଙ୍କିବାକୁ ଭଲ ପାଆନ୍ତି। ଚିତ୍ରଟିଏ ଆଙ୍କି ଦେଲେ ସେମାନଙ୍କ ମନ ହାଲକା ହୋଇଯାଏ। ତେଣୁ ଆଳସ୍ୟ ଅବସ୍ଥାରେ ମନ କିପରି ହାଲ୍କା ହେବ ସେ ନେଇ ଚିନ୍ତା କରନ୍ତୁ। କିଛି ସମୟ ଖେଳନ୍ତୁ, ବାହାରେ ଟିକେ ବୁଲି ଆସନ୍ତୁ କିମ୍ବା ମନ ପସନ୍ଦର ଏଭଳି କିଛି କାମ କରନ୍ତୁ ଯାହାଦ୍ୱାରା ମନ ଫୁର୍ତ୍ତି ହୋଇଯିବ। ଏହାଠାରୁ ଦୂରେଇ ରହିବା ଲାଗି ନିଜର ରୁଚି ପ୍ରତି ଧ୍ୟାନଦେବା ଦରକାର।

## ଚିନ୍ତାଧାରା
ବେଳେବେଳେ ପିଲାମାନେ ଆବଶ୍ୟକତାଠାରୁ ଅଧିକ ଚିନ୍ତା କରିଥାଆନ୍ତି। ଏହାଦ୍ୱାରା ମନ ଭାରାକ୍ରାନ୍ତ ରହିଥାଏ। ଆଳସ୍ୟ ଅନୁଭବ ହେବାର ଏହା ମଧ୍ୟ ଏକ କାରଣ। ତେଣୁ ଚିନ୍ତାଧାରା ଯଦି ଅଧିକାଂଶ ସମୟ ନକାରାତ୍ମକ ରହୁଛି ତେବେ ପିଲାମାନେ ତାହାର ତୁରନ୍ତ ସମାଧାନ କରିବା ଦରକାର। ମନରେ ନକାରାତ୍ମକ ଭାବନା ଭରି ହୋଇ ରହିଲେ ତାହାର ପ୍ରଭାବ ସେମାନଙ୍କର ପାଠପଢ଼ା ଏବଂ ଜୀବନଶୈଳୀ ଉପରେ ପଡ଼ିବା ଆଶଙ୍କା ରହିଛି। ତେଣୁ ସବୁବେଳେ ଚିନ୍ତାଧାରାକୁ ସକାରାତ୍ମକ ରଖନ୍ତୁ। ଏହାଦ୍ୱାରା ନିଜକୁ ଆଳସ୍ୟ କବଳରୁ କେତେକାଂଶରେ ରକ୍ଷା କରିପାରିବେ।





## ସେମାନେ କ'ଣ କରନ୍ତି...

### ଯୋଜନାବଦ୍ଧ ଭାବରେ ଆଗେଇଥାଏ


ପାଠ ପଢ଼ିବା ବେଳେ ପ୍ଲାନିଂ ଅନୁସାରେ ପଢ଼େ। କେତେବେଳେ କ'ଣ ପଢ଼ିବି, କେତେ ସମୟ ପଢ଼ିବି ସେ ନେଇ ପୂର୍ବରୁ ରୁଟିନ୍ ପ୍ରସ୍ତୁତ କରିଥାଏ। ତା'ସହ ଜୀବନର ପ୍ରତିଟି କାମକୁ ମଧ୍ୟ ରୁଟିନ୍ ଅନୁସାରେ କରେ। ଫଳରେ ମନ ପ୍ରାୟ ଭାରାକ୍ରାନ୍ତ ରହି ନ ଥାଏ। ଯଦି କେବେ ଅଳସୁଆ ଲାଗେ, ତେବେ କାମରୁ ଧ୍ୟାନ ହଟାଇ ନିଜ ମନକୁ ହାଲ୍କା କରିବାକୁ ଚେଷ୍ଟାକରେ। ବିଶେଷଭାବରେ ପାଠ ପଢ଼ିବା ସମୟରେ ଅଳସୁଆ ଲାଗିଲେ ମୁହଁ ଧୋଇ କିଛି ସମୟ ବୁଲି ଆସେ। ଘରେ ଅନ୍ୟମାନଙ୍କ ସହ କିଛି ସମୟ କଥା ହେଲେ ମନ ହାଲ୍କା ଲାଗିଥାଏ।

–**ବିଶାଲ ସାହୁ** (କ୍ଲାସ–୯,ଡ.ଦାଶରଥି ମିଶ୍ର ଉଚ୍ଚ ବିଦ୍ୟାଳୟ,ଢେଙ୍କାନାଳ )

### ସ୍ଥିର ମନରେ କାମ କରେ


ସବୁବେଳେ ସ୍ଥିର ମନରେ କାମ କରେ। ତେଣୁ ମୋ ମନ ପ୍ରାୟ ଭାରାକ୍ରାନ୍ତ ହୋଇ ନ ଥାଏ। ଅଳସୁଆର ପ୍ରଭାବ କ'ଣ ତାହା ମୁଁ ଭଲ ଭାବରେ ଜାଣିଛି। ତେଣୁ ନିଜକୁ ତା'ଠାରୁ ଯେତେ ସମ୍ଭବ ଦୂରେଇ ରଖିବାକୁ ଚେଷ୍ଟାକରେ। ପାଠ ପଢ଼ିବା ସମୟରେ ଯଦି ଅଳସୁଆ ଲାଗେ ତେବେ କିଛି ସମୟ ବ୍ରେକ୍ ନେଇଥାଏ। ତା'ପରେ ଟିକେ ବାହାରେ ବୁଲି ଆସିଲେ ମନ ହାଲ୍କା ହୋଇଯାଏ। ତା' ସହ ମାନସିକତାକୁ ସବୁବେଳେ ସକାରାତ୍ମକ ରଖିବାକୁ ଚେଷ୍ଟା କରେ।

–**ସାଦ୍ୟନ୍ତ ଶତପଥୀ** (କ୍ଲାସ–୭, ମଦର୍ସ ପବ୍ଲିକ୍ ସ୍କୁଲ୍, ପୁରୀ)



୧




୨


୩


୪


୫


୬


୭


୮



୧ **ଅଭୀକ୍ ରାଉତରାୟ**
କ୍ଲାସ- ୬, ଆର୍ଯ୍ୟଭଟ୍ଟ ଆନ୍‌ସିଏଣ୍ଟ ଆକାଡେମୀ, ଖୋର୍ଦ୍ଧା

୨ **ଜିସାନ୍ତ ପଟ୍ଟନାୟକ**
କ୍ଲାସ- ୨, ବିଜେଇଏମ୍ ସ୍କୁଲ-୧, ବିଜେବି ନଗର, ଭୁବନେଶ୍ୱର





୩ **ଜୟେଶ ତ୍ରିପାଠୀ**
କ୍ଲାସ- ୧, ଓଡିଏମ୍ ଇଣ୍ଟର ନ୍ୟାସନାଲ୍ ସ୍କୁଲ, ଅମଲାପଡା, ଅନୁଗୋଳ

୪ **ସୁଦୀକ୍ଷା ମିଶ୍ର**
କ୍ଲାସ-୨, ମିଶନ ସ୍କୁଲ, ଜଟଣୀ, ଖୋର୍ଦ୍ଧା





୫ **ରବିନ୍ଦ୍ର ହାଂସଦା**
କ୍ଲାସ- ୮, ରାଇକମା ଆଶ୍ରମ ସ୍କୁଲ, ବଇଶିଙ୍ଗା, ମୟୁରଭଞ୍ଜ

୬ **ଓମ୍ ସ୍ୱସ୍ତିକ ସାହୁ**
କ୍ଲାସ- ୧୦, ଶ୍ରୀ ଅରବିନ୍ଦ ସ୍କୁଲ ଅଫ୍ ନିୟୁ ଥଟ୍, ଶ୍ରୀରାମ ନଗର, କଟକ





୭ **ପ୍ରତୀକ ଅଦାବର**
କ୍ଲାସ- ୫, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବୀରମହାରାଜପୁର, ସୁବର୍ଣ୍ଣପୁର

୮ **ଦେବାଶ୍ରୀତ ସିଂହ**
କ୍ଲାସ-୬, ଲବକୁଶ ବିଦ୍ୟାମନ୍ଦିର, ଦଧିବାମନପୁର, କଟକ



## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ସବୁଠୁ ଲମ୍ବା ସଙ୍ଗୀତ

ଘଣ୍ଟା ଘଣ୍ଟା ଧରି ଜଣେ ଜଣେ ସଙ୍ଗୀତ ଗାନ କରି ଲୋକଙ୍କୁ ଆହ୍ଲାଦିତ କରି ରଖି ପାରନ୍ତି। ହେଲେ ଜଣେ ବ୍ୟକ୍ତି ଲଗାତର ୧୩୮ ଘଣ୍ଟା ଗୀତ ଗାଇବା କଥା କେବେ ଶୁଣିଛନ୍ତି! ବିଶ୍ୱାସ ହେଉ ନ ଥିଲେ ବି ଏମିତି ଏକ କାମ କରି ପାରିଛନ୍ତି ଉତ୍ତରପ୍ରଦେଶ ବାରାଣସୀର ଡକ୍ଟର ଜଗଦୀଶ ପିଲାଇ। ସେ ଲଗାତର ୧୩୮ ଘଣ୍ଟା ୪୧ ମିନିଟ୍ ୨ ସେକେଣ୍ଡ ପର୍ଯ୍ୟନ୍ତ ରାମଚରିତ ମାନସ ଗାନ କରି ଗିନିଜ୍ ରେକର୍ଡରେ ନିଜ ନାଁ ଦାଖଲ କରିଛନ୍ତି। ଜଗଦୀଶ ପିଲାଇ ରାମଚରିତ ମାନସକୁ ଗାନ କରିବା ଫଳରେ ଏହା ଏବେ ବିଶ୍ୱର ସବୁଠୁ ଲମ୍ବା ସଙ୍ଗୀତ ହୋଇଯାଇଛି। ସେ ଏହାକୁ ନିଜର ଏକ ସ୍ୱତନ୍ତ୍ର ଢଙ୍ଗରେ ସ୍ୱର ସଂଯୋଜନା କରି କଣ୍ଠ ଦାନ କରିଛନ୍ତି। ତେଣୁ ଭଜନ କୀର୍ତ୍ତନ ସହିତ ଗୋସ୍ୱାମୀ ତୁଲସୀଦାସଙ୍କର ରାମଚରିତ ମାନସ ଗାନ କରି ସେ ନିଜର ଭିନ୍ନ ପରିଚୟ ସୃଷ୍ଟି କରିଛନ୍ତି। ୨୦୨୩ ମେ ମାସରେ ସେ ଏହି ରେକର୍ଡ କରିଥିଲେ।



## ଏଥରର ?

- ଏଭେରେଷ୍ଟ ପର୍ବତ ଆରୋହଣ କରିଥିବା ସର୍ବକନିଷ୍ଠ ବ୍ୟକ୍ତି ?
- ୨୦୧୮ ମସିହାରେ ସ୍ୱଚ୍ଛ ସର୍ବେକ୍ଷଣ ଅନୁସାରେ ଭାରତର କେଉଁ ସହର ସର୍ବାଧିକ ସ୍ୱଚ୍ଛ ମାନ୍ୟତା ପାଇଥିଲା ?
- ଆମ ଦେଶରେ ଜାତୀୟ ବାଳିକା ଦିବସ କେବେ ପାଳନ କରାଯାଏ ?
- 'ଦି ଜଙ୍ଗଲ୍ ବୁକ୍' ପୁସ୍ତକର ଲେଖକ ?
- ମୁନ୍‌ଶୀ ପ୍ରେମ୍‌ଚାନ୍ଦଙ୍କର ପେନ୍ ନେମ୍ କଣ ?

## ଗତଥରର ଉ ତ୍ତ ର

- ଅଙ୍ଗାରକାମ୍ଳ ଗ୍ୟାସ୍, ମିଥେନ୍, ନାଇଟ୍ରୋକ୍ସାଇଡ୍ ଓ ଏଫ୍-ଗ୍ୟାସ୍
- ଡେମିଟ୍ରି ମେଣ୍ଡେଲିଭ୍
- ଟଙ୍ଗଷ୍ଟନ୍
- ମେଘାଳୟର କ୍ରେମପୁରୀ
- ଡିସେମ୍ବର ୨୩ ତାରିଖ

## କବିତା

### ମାଆ



ଫୁଲଠୁ କୋମଳ ଜହ୍ନଠୁ ଶୀତଳ
ମହୁଠୁ ମଧୁର ନାଆଁ
ସବୁ ଯନ୍ତ୍ରଣାରୁ ଉପଶମ ମିଳେ
ଡାକିଦେଲେ ଥରେ ମାଆ।
ଆଖିରୁ ଟିକିଏ ଦୂର ହୋଇଗଲେ
ପାଗଳିନୀ ପରି ହୋଇ
ଉଦ୍‌ଭ ବିକଳ ହୋଇ ଖୋଜେ ମତେ
ଏଣେ ତେଣେ ପରା ଧାଇଁ।
କୋଳରେ ବସେଇ ଜହ୍ନକୁ ଦେଖେଇ
ବଳେଇ ବଳେଇ ଖୁଏ
ନାନାବାୟା ଗୀତ ଗାଇ ଦେଇ ସିଏ
ଥାପୁଡ଼େଇ ଦେଇ ଶୁଏ।
ଦେହରେ ଟିକିଏ ତାତି ଭରିଗଲେ
ରାତିସାରା ପରା ଚେଇଁ
ବିକଳରେ କରେ ଶହେ ମାନସିକ
କେବଳ ମୋରି ପାଇଁ।
ଚଉରା ମୂଳରେ ସଞ୍ଜବତି ଜାଳି
ଜଣାଏ ତାହାର ଦୁଃଖ
ଠାକୁରଙ୍କ ଘରେ ମୋ ପାଇଁକି ନିତି
ମାଗେ ଆୟୁଷର ଭିକ।
ସ୍ନେହର ପ୍ରତୀକ ଶ୍ରଦ୍ଧାର ସନ୍ତକ
ମୂର୍ତ୍ତିମନ୍ତ ଅବତାର
ହୃଦୟରେ ତା'ର ମମତାର ଢେଉ
ଖେଳୁଥାଏ ବାରବାର।

– ପ୍ରକାଶ କୁମାର ଚାନ୍ଦ
ଜୟପୁର ଶାସନ, ପିପିଲି, ପୁରୀ
ମୋ: ୭୦୦୮୯୨୫୯୫୪

### ଅଂଶୁଘାତ ଦୂର ହୋଇବ

ଆସିଛି ଖରା ତାତୁଅଛି ଧରା
ହେଉଛି ଗରମ ପ୍ରବଳ,
ଗମଗମ୍ ହୋଇ ଝାଳ ଯାଏ ବୋହି
ଲାଗଇ ବହୁତ ଦୁର୍ବଳ।
ସୂରୁଯ କିରଣ ହେଲାଣି ପ୍ରଖର
ଝାଞ୍ଜି ପବନ ବି ବହୁଛି,
ଲାଗୁଛି ଏପରି ଆକାଶୁ ସତେକି
ନିଆଁର ବରଷା ହେଉଛି।
ପିନ୍ଧୁଥିବା ଧଳା ପୋଷାକ ତ ଢିଲା
ଆରାମ ଲାଗିବ ଦେହକୁ,
ଚଷମା ପିନ୍ଧିବା ଛତା ନେଇଯିବା
ଗାମୁଛାରେ ପୋଛ ମୁହଁକୁ।
ଲେମ୍ବୁ, ଲୁଣ,ଜଳ, ସରବତ, ବେଲ
ମିଶିରି ପାଣି ବି ପିଇବା,
ଦହିକୁ ପଖାଳ ତରଭୁଜ ଭଲ
ଏଇ ଖରାଦିନେ ଖାଇବା।
ଯିବା ନାହିଁ ବୁଲି ଖରାଟାରେ ଖେଳି
ଅଂଶୁଘାତ ଦୂର ହୋଇବ,
କଥାକୁ ମାନିଲେ ଘରେ ରହୁଥିଲେ
ସୁସ୍ଥ ସବୁବେଳେ ରହିବ।

– ଲକ୍ଷ୍ମୀଧର ନାୟକ
ବାଉଁଶିଆପଡ଼ା, ନୟାଗଡ଼
ମୋ: ୮୨୭୦୩୭୨୪୯୮



### କୁଆପଥର

ମେଘୁଆ ଆକାଶେ ଯା' ବସାଘର
ନାଆଁଟି ତା'ର କୁଆପଥର।
ଦେଖିବାକୁ ଧଳା ଦିଶଇ ସିଏ
ଉପରୁ ପଡିଲେ ତରଳି ଯାଏ।
ମେଘ ସବାରିରେ ନାଚି ନାଚିକା
ଝିଙ୍ଗି ହୋଇପଡ଼େ ଖଇ ପରିକା।
ପିଲା ଠାରୁ ବୁଢ଼ା ଦେହରେ ନେସି
ସଭିଏ ହୁଅନ୍ତି ତା' ଲାଗି ଖୁସି।
ଜୀବନଟି ତା'ର ଅଳ୍ପ ଆୟୁଷ
ମିଳେଇ ଗଲେ ସେ ହୁଅଇ ଶେଷ।
କଠିନେ ଅଟଇ ବରଫ ଟେକା
ତରଳି ଗଲେ ସେ ପାଣି ପରିକା।
ହୋଇଛି ବୋଲି ସେ ମେଘରୁ ଜାତ
ଦେହରେ ଘଷିଲେ ଲାଗଇ ଶୀତ।
ଝଡ଼ ବରଷାରେ ଆକାଶୁ ପଡ଼ି
ଚାଷୀର ବେଉସା ଦିଏ ଉଜାଡ଼ି।
ଚଟାଣରେ ପଡ଼ି ଯାଏ ସେ ଫାଟି
ପିଲେ ଖୋଜୁଥାନ୍ତି ତାକୁ ଝପଟି।
କାଉ କୁହେଁ ସେ ତ କୁଆପଥର
ଦେଖିବାକୁ ସିଏ ଭାରି ସୁନ୍ଦର।

– ରାମ ଚନ୍ଦ୍ର ପ୍ରଧାନ
ଟେକ୍ନିକାଲ୍ ହାଇସ୍କୁଲ ଆସିକା, ଗଞ୍ଜାମ
ମୋ: ୯୮୬୧୬୩୮୭୭୬

## କହିଲ ଦେଖି

ବଇଶାଖ ଶୁକ୍ଳ ତୃତୀୟା ଦିନ
ଆରମ୍ଭ ହୁଅଇ ସେ ଯାତ୍ରା ଜାଣ
ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ
ଚାଲୁ ରହେ ସେହି ପବିତ୍ର ଯାତ
ପ୍ରଭୁ ମଦନମୋହନ
ଚନ୍ଦନ ପ୍ରଲେପି ଚାପ ଖେଳିଥାନ୍ତି
କୁହ ସେ ଯାତ୍ରାର ନାମ!

ଉତ୍ତର– **ଚନ୍ଦନ ଯାତ୍ରା**



ପୋଖରୀଟିଏ ସେ ଶ୍ରୀକ୍ଷେତ୍ର ଧାମେ
ଚାପଖେଳ ହୁଏ ତା'ପୁଣ୍ୟ ଜଳେ
ମଦନମୋହନ ଢଙ୍ଗାରେ ବସି
ଚାପ ଖେଳିଥାନ୍ତି ଆନନ୍ଦେ ହସି
ଶୁଭେ ଘଣ୍ଟ ଘଣ୍ଟି ସ୍ୱନ
ଶଂଖ ହୁଳହୁଳି ଉଛୁଳି ପଡ଼ଇ
କୁହ ସେ ପୋଖରୀ ନାମ।

ଉତ୍ତର– **ନରେନ୍ଦ୍ର ପୋଖରୀ**



କାଠଟିଏ ସିଏ ସୁଗନ୍ଧ ଭାରି
ପୂଜା କାଳେ ସିଏ ହୁଏ ଜରୁରୀ
ପେଡିରେ ଘୋରିଲେ ଜନ୍ମେ ତା'ଲେପ
ସେ ଲେପ ଦୂରାଏ ଗ୍ରୀଷମ ତାପ
ଥଣ୍ଡା ରଖେ ଦେହ ମନ
ତା'ର ଧୂପକାଠି ବାସ ଚହଟାଏ
କୁହ ସେ କାଠର ନାମ!

ଉତ୍ତର– **ଚନ୍ଦନ କାଠ**



– ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ: ୭୩୫୫୬୩୪୩୪୬


### ଧରା ତାତିଲା

ଖରା ଖାଇ ଧରା ତାତିଲା
ଦେହରେ ଘିମିରି ମାଡିଲା
ଝଞ୍ଜା ଗୁଳୁଗୁଳି ଦେହ ଦେଲା ଜାଳି
ଉଜାଗରେ ରାତି ବିତିଲା।
ଦେହ ଅଠା ଅଠା ଝାଳରେ
ମାଆ ତା' କର୍ତ୍ତବ୍ୟ ବଳରେ
ଦେହକୁ ଶିଝେଇ ଚୁଲିରେ ରୋଷେଇ
କରିଲା ବାଉଁଶ ଜାଳରେ।
ଗରମ ପବନ ବହିଲା
ମନ ମରମକୁ ଦହିଲା
ଘରେ ବସିଥାଅ ଦାଣ୍ଡକୁ ନ ଯାଅ
ଜେଜେଙ୍କୁ ସାଇନା କହିଲା।
ଶୁଖିଲା ପୋଖରୀ ଗାଡ଼ିଆ
ଟାଙ୍ଗରା ଦିଶିଲା ପଡ଼ିଆ
ପାଠ ପଢ଼ା ଭୁଲି ଦିନରାତି ଖାଲି
ଆଇସକ୍ରିମ୍ ଖୋଜେ ଧଡ଼ିଆ।
ତାତିରୁ ଉଦ୍ଧାର ପାଇଁଟି
ଗାଆଁର ପଡ଼ିଆ ଭୂଇଁଟି
ଲଗାଇବା ଆମେ ଗଛପରା ଯେତେ
ଏକଥା ଭୁଲିବା ନାଇଁଟି।

– ଜଗଦୀଶ ସାହୁ
ସଂଜପଡା, ହିନ୍ଦୋଳ, ଢେଙ୍କାନାଳ
ମୋ: ୯୦୭୮୧୮୫୬୧୬

# ବିଚିତ୍ର ଟନେଲ

**ସାଧାରଣତଃ ପାହାଡ଼ିଆ ଅଞ୍ଚଳରେ କିମ୍ବା କୌଣସି ଦୁର୍ଗମ ସ୍ଥାନରେ ଗମନାଗମନ ସୁବିଧା ପାଇଁ ଟନେଲ ବା ସୁଡ଼ଙ୍ଗ ନିର୍ମାଣ କରାଯାଇଥାଏ। ତେବେ ଏଭଳି କେତେକ ଟନେଲ ରହିଛି, ଯାହାକୁ ନେଇ ପ୍ରାୟ ଚର୍ଚ୍ଚା ହୋଇଥାଏ। ସେଭଳି କେତେକ ପ୍ରମୁଖ ଟନେଲ ବିଷୟରେ ସୂଚନା...**



## ଟାୱାର ଟନେଲ

ଜାପାନର ଟାୱାର ଟନେଲର ଖାସ୍ କଥା ହେଲା– ଏହା ଏକ ୧୬ ମହଲା ବିଶିଷ୍ଟ ଗ୍ରେଟ୍ ଟାୱାର ଅଫିସ୍ ବିଲ୍ଡିଂର ୫–୭ ମହଲା ମଧ୍ୟ ଦେଇ ଯାଇଛି। ଉକ୍ତ ଏକ୍ସପ୍ରେସ୍‌ୱେ ଜାପାନର ଓସାକା ସହରରେ ନିର୍ମାଣ ହୋଇଛି। ୧୯୯୨ରେ ତିଆରି ହୋଇଥିବା ଏହି ଟନେଲ ୭୧.୯ ମିଟର (୨୩୬) ଫୁଟ୍ ଉଚ୍ଚତା ବିଶିଷ୍ଟ। ଟନେଲକୁ ଏପରି ଟେକ୍‌ନିକ୍‌ରେ ଡିଜାଇନ କରାଯାଇଛି ଯେ, ଯଦି ଏହା ମଧ୍ୟ ଦେଇ ଯାନବାହନ ଯାଏ, ତେବେ ଏହାର କୌଣସି କମ୍ପନ (ଭାଇବ୍ରେଶନ) ଅନ୍ୟ ମହଲା ଉପରେ ପଡ଼ି ନଥାଏ । ଏହା ବ୍ୟତୀତ ଜାପାନରେ ଫୁଲ ମଧ୍ୟରେ ନିର୍ମାଣ କରାଯାଇଛି ୱିଷ୍ଟେରିଆ ଟନେଲ। ଏମିତି ଏକ ଟନେଲ ଜାପାନର କିଟ୍‌କ୍ୟୁଶୁ ଦ୍ୱୀପର କାୱାଚି ଫୁଜି ଗାର୍ଡେନରେ ଅବସ୍ଥିତ, ଯାହାର ନାମ ୱିଷ୍ଟେରିଆ ଟନେଲ। ଏହି ଗାର୍ଡେନରେ ଗୋଲାକାର ଜାଲି ଉପର ଦେଇ ୱିଷ୍ଟେରିଆ ଫୁଲର ଲଟାକୁ ଏଥିରେ ସଜାଇ ଦିଆଯାଇଛି। ୧୧୦ ମିଟର ଲମ୍ବ ଉକ୍ତ ଟନେଲରେ ୨୦ରୁ ଅଧିକ ପ୍ରଜାତିର ୱିଷ୍ଟେରିଆ ଫୁଲ ସଜ୍ଜିତ, ୧୫୦ରୁ ଅଧିକ ୱିଷ୍ଟେରିଆ ଫୁଲଗଛ ଲଗାଯାଇଛି। ଏପ୍ରିଲ–ମେ’ରେ ଏହି ଟନେଲ ରଙ୍ଗବେରଙ୍ଗୀ ୱିଷ୍ଟେରିଆ ଫୁଲ ଦ୍ୱାରା ଆଚ୍ଛାଦିତ ହୋଇଥାଏ, ଯାହା ଦେଖିବାକୁ ବହୁ ମନଲୋଭା ହୋଇଥାଏ। ଏହି ଟନେଲକୁ ଦେଖିବାକୁ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ପର୍ଯ୍ୟଟକ ଆସିଥାଆନ୍ତି।

## ସେକ୍ୟୁଆ ଟନେଲ


ପିଲାଏ ! ଏବେ ଏମିତି ଏକ ଟନେଲ ବିଷୟରେ ସୂଚନା ଦେଉଛୁ, ଯାହା ଗଛ ମଧ୍ୟ ଦେଇ ତିଆରି କରାଯାଇଛି। ଏହି ଟନେଲଟି କାଲିଫର୍ନିଆ, ଆମେରିକାର ସେକ୍ୟୁଆ ନ୍ୟାଶନାଲ ପାର୍କରେ ଅବସ୍ଥିତ, ଯାହା ପୃଥିବୀର ସବୁଠାରୁ କ୍ଷୁଦ୍ରତମ ଟନେଲ। ଏହି ପାର୍କରେ ବଡ଼ ବଡ଼ ବୃକ୍ଷ ରହିଛି। ୧୯୩୭ରେ ଏପରି ଏକ ବଡ଼ ବୃକ୍ଷ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ରାସ୍ତା ଉପରେ ପଡ଼ିଯାଇଥିଲା। ୨୭୫ ଫୁଟ ଲମ୍ବ ଏହି ବୃକ୍ଷଟିର ମୋଟେଇ ୬.୪ ମିଟର ଥିଲା। ଏହାର ମୋଟେଇକୁ ଲକ୍ଷ୍ୟକରି ପାର୍କର ଅଧିକାରୀ ଏହି ବୃକ୍ଷଟିକୁ ହଟାଇବା ବଦଳରେ ଏହା ମଧ୍ୟ ଦେଇ ରାସ୍ତା କରିବାକୁ ଚିନ୍ତାକଲେ। ସଡ଼କର ଚଉଡ଼ା ହିସାବରେ ଏହାର ମୋଟେଇର ୨.୪ ମିଟର ଲମ୍ବ ଏବଂ ୫.୨ ମିଟର ଚଉଡ଼ାର ଗଛକୁ କାଟି ଏହା ମଧ୍ୟ ଦେଇ ରାସ୍ତା ତିଆରି କରାଗଲା, ଯାହାକୁ ଟନେଲର ରୂପ ଦିଆଯାଇଛି। ଆଜି ବି ଏହି ଟନେଲ ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରୁଛି।



## ଟନେଲ ଅଫ୍ ଲଭ୍

ୟୁକ୍ରେନ୍‌ସ୍ଥିତ କଲେୱାନ୍ ଟନେଲ ଗଛଲତାରେ ସଜ୍ଜିତ। ଏହି ଟନେଲଟିର ଲମ୍ବ ପାଖାପାଖି ୩ କିଲୋମିଟର । ଉକ୍ତ ଟନେଲ ଦେଇ କେବଳ ଟ୍ରେନ ଲାଇନ୍ ଯାଇଛି। ନିଜର ପ୍ରାକୃତିକ ସୌନ୍ଦର୍ଯ୍ୟ କାରଣରୁ ଏହି ଟନେଲର ନାମକୁ ଟନେଲ ଅଫ୍ ଲଭ୍ ନାମରେ ନାମିତ କରାଯାଇଛି। ଯେତେବେଳେ ଏହା ମଧ୍ୟ ଦେଇ ଟ୍ରେନ୍ ଯାଏନି, ଏହାର ମଜା ନେବା ଲାଗି ପର୍ଯ୍ୟଟକମାନେ ଚାଲି ଚାଲି ଯାଇଥାନ୍ତି।





## ଅଣ୍ଡରଗ୍ରାଉଣ୍ଡ ପାଥ୍ ଟନେଲ

କାନାଡାର ଟରଣ୍ଟୋ ସହରର ତଳ ଭାଗରେ ଏକ ପାଥ୍ ଅଣ୍ଡରଗ୍ରାଉଣ୍ଡ ଟନେଲ ନିର୍ମାଣ କରାଯାଇଛି। ଉକ୍ତ ଟନେଲର ଲମ୍ବ ହେଉଛି ୩୦ କିମି। କେବଳ ସେତିକି ନୁହେଁ, ଏହାଭିତରେ ଆହୁରି ଅନେକ ଜିନିଷ ରହିଛି। ଏହା ଭିତରେ ପ୍ରାୟ ୧୨୦୦ ରିଟେଲ ଶପ୍, ୨୦ଟି ପାର୍କିଂ ଅଛି। ୧୯୦୦ ମସିହାରେ ଏହା ପ୍ରଥମେ ଜନସାଧାରଣଙ୍କ ପାଇଁ ଖୋଲାଯାଇଥିଲା।

## ଆଣ୍ଟଲାଣ୍ଟିକ ଓସେନ ରୋଡ୍ ଟନେଲ

ନରୱେରେ ସମୁଦ୍ର ତଳେ ଏକ ଟନେଲ ନିର୍ମାଣ କରାଯାଇଛି। ଏହାକୁ ‘ଆଣ୍ଟଲାଟିକ ଓସେନ ରୋଡ୍ ଟନେଲ’ ନାମରେ ନାମିତ କରାଯାଇଛି। ଝଡତୋଫାନ ବେଳେ ଏହା ଭିତରେ ଯାଉଥିଲେ ସମୁଦ୍ରର ଅଶାନ୍ତ ରୂପ ଭୟଙ୍କର ଏବଂ ରୋମାଞ୍ଚକ ଲାଗିଥାଏ।



# ଅଜବ ପକ୍ଷୀ ପାଇପର

ପୃଥିବୀ ପୃଷ୍ଠରେ ବିଭିନ୍ନ ପ୍ରଜାତିର ପକ୍ଷୀ ଦେଖିବାକୁ ମିଳନ୍ତି। ସେମାନଙ୍କ ମଧ୍ୟରୁ ଅନେକ ସେମାନଙ୍କର ଶାରୀରିକ ଗଠନ, ସ୍ୱର ଆଦି ପାଇଁ ଆକର୍ଷଣୀୟ ହୋଇଥାଆନ୍ତି। ଅନ୍ୟପକ୍ଷରେ କେତେକ ପକ୍ଷୀ ସେମାନଙ୍କର ଅଜବ ପ୍ରବୃତ୍ତି ପାଇଁ ଆଲୋଚନାର ଶିରୋନାମ ପାଲଟିଥାଆନ୍ତି। ସେଭଳି ଏକ ପକ୍ଷୀ ହେଲା ସ୍ୟାଣ୍ଡ ପାଇପର। ଆମେ ଜାଣିଛେ ଯେ ସାଧାରଣତଃ ପକ୍ଷୀମାନେ ଗଛରେ ବସାକରି ରୁହନ୍ତି। କିନ୍ତୁ ସ୍ୟାଣ୍ଡ ପାଇପର ଏ କ୍ଷେତ୍ରରେ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର। ସେ କେବେ ଗଛରେ ରହି ନ ଥାଏ। ଏମାନେ ସମୁଦ୍ରକୂଳ କିମ୍ବା ନଦୀକୂଳରେ ଦେଖିବାକୁ ମିଳିଥାନ୍ତି। ଉକ୍ତ ପକ୍ଷୀଟି ରାତିରେ ବିଶ୍ରାମ ନିଅନ୍ତି ଏବଂ ଦିନ ସମୟରେ ହିଁ ବାହାରକୁ ବାହାରିଥାଆନ୍ତି। ଏମାନେ କୌଣସି ଶତ୍ରୁକୁ ଦେଖିବା ମାତ୍ରେ ଜୋର୍‌ରେ ରାବ କରିଥାଆନ୍ତି। ଏହି ପକ୍ଷୀ ନଦୀ ଓ ପୋଖରୀ କୂଳରେ ଦେଖିବାକୁ ମିଳନ୍ତି। ଖାଦ୍ୟରେ ପୋକଜୋକ, ମାଟି ଉପରେ ପଡ଼ିଥିବା ଫଳ ମଞ୍ଜି ଆଦି ଖାଇଥା’ନ୍ତି। ଏମାନଙ୍କର ମୁଣ୍ଡ ଗୋଲ, ବେକ ଛୋଟ , ଗୋଡ଼ ଓ ଥଣ୍ଟ ଲମ୍ବା ହୋଇଥାଏ। ପାଇପର ପକ୍ଷୀଙ୍କ ଅଣ୍ଡା ପଥର ସଦୃଶ ଦେଖାଯାଏ। ଫଳରେ ଏମାନେ ତାଙ୍କ ଅଣ୍ଡାକୁ ଅନ୍ୟ ପ୍ରାଣୀଙ୍କଠାରୁ ସହଜରେ ସୁରକ୍ଷା ଦେଇପାରନ୍ତି।

# ଆଇନା




**ନୈତ୍ୱିକ ମହାପାତ୍ର**

୬ ବର୍ଷ/ବେଙ୍ଗାଲୁରୁ



**ଉତ୍କର୍ଷ**

୪ ବର୍ଷ/ଭୁବନେଶ୍ୱର